## ନୀତିଶ୍ଳୋକ

**ରୁଦ୍ରାଣାଂ ଶଙ୍କରଶ୍ଚାସ୍ମି ବିତ୍ତେଶୋ ଯକ୍ଷରକ୍ଷସାମ୍ ।**
**ବସୂନାଂ ପାବକଶ୍ଚାସ୍ମି ମେରୁଃ ଶିଖରିଣାମହମ୍ ।।୨୩।।**

**ରୁଦ୍ରମାନଙ୍କ ମଧ୍ୟରେ ଶଙ୍କର ଓ ଯକ୍ଷ-ରାକ୍ଷସଙ୍କ ମଧ୍ୟରେ କୁବେର ହେଉଛି ମୁଁ, ବସୁମାନଙ୍କ ମଧ୍ୟରେ ପବିତ୍ରକାରୀ ଅଗ୍ନି ଓ ଶିଖରବିଶିଷ୍ଟ ପର୍ବତମାନଙ୍କ ମଧ୍ୟରେ ସୁମେରୁ ପର୍ବତ ମୁଁ ଅଟେ ।**

# ଅର୍ଥନୀତିରେ ଅବହେଳିତ କୃଷି

ଓଡ଼ିଶା ଇକୋନୋମିକ୍ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି ସମାନ୍ୟ ହ୍ରାସ ପାଇଛି । ୨୦୧୭-୧୮ ଆର୍ଥିକ ବର୍ଷରେ ରାଜ୍ୟ ଅର୍ଥନୀତି ୭ ଦଶମିକ ୧୪ ପ୍ରତିଶତ ହାରରେ ବୃଦ୍ଧି ପାଇଥିବା କୁହାଯାଇଛି । ତେବେ ଚଳିତବର୍ଷ ଦୁର୍ବଳ ମୌସୁମି କାରଣରୁ କୃଷି ଉତ୍ପାଦନ ହ୍ରାସ ପାଇବା ସହିତ ସାମଗ୍ରିକ ଭାବେ ଏହା ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରିଛି । ରାଜ୍ୟ ଅର୍ଥନୀତି କ୍ରମଶଃ କୃଷିରୁ ସେବା ଓ ଶିଳ୍ପ ଅଭିମୁଖୀ ହେଉଛି । ରାଜ୍ୟରେ ୧୯୫୦-୫୧ରେ ମୋଟ ଘରୋଇ ଉତ୍ପାଦ(ଜିଏସଡ଼ିପି)ରେ କୃଷିର ଅବଦାନ ୫୫ଶତାଂଶ ଥିବାବେଳେ ୨୦୧୭-୧୮ ସୁଦ୍ଧା ଏହା ୨୦ପ୍ରତିଶତ ରହିଛି । ମୋଟ ଘରୋଇ ଉତ୍ପାଦକୁ କୃଷି କ୍ଷେତ୍ରର ଅବଦାନ ୨୦ପ୍ରତିଶତକୁ କମିଥିଲେ ହେଁ ଏବେ ବି ମୋଟ ଶ୍ରମ ଶକ୍ତିର ୬୨ ପ୍ରତିଶତ କୃଷି କ୍ଷେତ୍ରରେ ନିର୍ଭର କରୁଛନ୍ତି । ଏହା ନିଶ୍ଚିତ ରୂପେ ଏକ ଚିନ୍ତାର କାରଣ ।

କୃଷିକ୍ଷେତ୍ରର ଏଭଳି ସ୍ଥିତି ପାଇଁ ଆମ ସରକାରଙ୍କୁ ଦାୟୀ କରାଯିବା ଉଚିତ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପରିସଂଖ୍ୟାନ ଅନୁଯାୟୀ ରାଜ୍ୟରେ ଚାଷୋପଯୋଗୀ ଜମିର ପରିମାଣ ଏକଷଠି ଦଶମିକ ପଞ୍ଚଷଠି (୬୧.୬୫)ଲକ୍ଷ ହେକ୍ଟର ଏବଂ ଏହାର ମାତ୍ର ଶତକଡ଼ା ତିରିଶ (୩୦)ଭାଗ ଜମିକୁ ଜଳସେଚନର ସୁବିଧା କରାଯାଇଛି, ଅର୍ଥାତ ମାତ୍ର ଅଠର (୧୮) ଲକ୍ଷ ହେକ୍ଟରରୁ କିଛି ଅଳ୍ପ ଅଧିକ ଜମିରେ ଜଳସେଚନ କାର୍ଯ୍ୟ ନିର୍ବାହ ହେଉଛି । ଅନ୍ୟ ଅର୍ଥରେ କହିଲେ ରାଜ୍ୟର ସମୁଦାୟ ଜମିର ପ୍ରାୟ ୪୩ ଲକ୍ଷ ହେକ୍ଟର ଜମିରେ ଜଳସେଚନର ସୁବିଧା ନାହିଁ । ଦେଶ ସ୍ୱାଧୀନତା ଲାଭକରିବା ପରଠାରୁ ଆଜି ପର୍ଯ୍ୟନ୍ତ ୭୦ ବର୍ଷ ଅତିବାହିତ ହୋଇଗଲାଣି । ଏବଂ ଏହି ଦୀର୍ଘ ସମୟ ମଧ୍ୟରେ ରାଜ୍ୟରେ ଅନେକ ସରକାର ଆସି ଗଲେଣି । ବର୍ତ୍ତମାନର ସରକାର ମଧ୍ୟ ଦୀର୍ଘ ସମୟ ଧରି ରାଜ୍ୟ ଶାସନର ଦାୟିତ୍ୱ ନେଇଛନ୍ତି ; କିନ୍ତୁ ରାଜ୍ୟର ଜଳସେଚନର ବିକାଶ ଏବଂ ଅଗ୍ରଗତି ଏକାନ୍ତ ନିମ୍ନମାନର ବୋଲି ଜନସାଧାରଣ ହୃଦ୍‌ବୋଧ କରନ୍ତି । କେବଳ ଧାନ ଚାଷ ନୁହେଁ, ସମସ୍ତ ପ୍ରକାର ଡାଲିଜାତୀୟ ଫସଲ, ନାନା ପ୍ରକାର ତୈଳବୀଜ, ଧାନ ବ୍ୟତୀତ ଗହମ, ଆଖୁ, ସୋରିଷ, କପାଚାଷ, ନଳିତା ଚାଷ (ଝୋଟ) କାଜୁ ଚାଷ ଏବଂ ଅନେକ ଅର୍ଥକରୀ ଫସଲ ଓଡ଼ିଶା ମାଟିରେ ଉପଲବ୍ଧ ହୁଏ । ସମଗ୍ର ଭାରତବର୍ଷରେ ଗଚ୍ଛିତ ଥିବା ଭୂତଳ ଜଳ ସମ୍ପଦର ଶତକଡ଼ା ଏଗାର ଭାଗ (୧୧) କେବଳ ଓଡ଼ିଶାରେ ମିଳେ । ଏହା ବ୍ୟତୀତ ରାଜ୍ୟରେ ବହୁଥିବା ନଦୀମାନଙ୍କ ମଧ୍ୟରେ ମହାନଦୀ ଏବଂ ଏହାର ସମସ୍ତ ଶାଖାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଋଷିକୁଲ୍ୟା, ବଂଶଧାରା, ନାଗାବଳୀ ଏବଂ ମହେନ୍ଦ୍ରତନୟା ଇତ୍ୟାଦିର ଜଳଧାରଣ କ୍ଷମତା ପ୍ରଚୁର । ବର୍ଷର ସବୁ ସମୟର ଉଣାଅଧିକେ ଉପରୋକ୍ତ ନଦୀଗୁଡ଼ିକରେ ଜଳପ୍ରବାହ ଦେଖିବାକୁ ମିଳେ । ସାରାଭାରତ ବର୍ଷରେ ଜାତୀୟ ସ୍ତରରେ ଶତକଡ଼ା ୪୭ ଭାଗ ଜଳସେଚନର ସୁବିଧା ଥିଲାବେଳେ ଓଡ଼ିଶାରେ ଜଳସେଚନର ପରିମାଣ ମାତ୍ର ଶତକଡ଼ା ୩୦ ଭାଗରେ ସୀମିତ । ଓଡ଼ିଶାରେ ବିପୁଳ ପରିମାଣ ଜଳ ସମ୍ପଦ ଥାଇ ମଧ୍ୟ ଆମ କୃଷକ ଭାଇମାନଙ୍କୁ ଅନେକ ସମୟରେ ଜଳସେଚନ ଉପଲବ୍ଧ ହୁଏ ନାହିଁ । ରାଜ୍ୟରେ ଥିବା ୩୧୪ଟି ବ୍ଲକ ମଧ୍ୟରୁ କେବଳ ୧୯୮ଟି ବ୍ଲକରେ ଶତକଡ଼ା ୩୫ ଭାଗରୁ କମ୍ ଜଳସେଚନର ସୁବିଧା ଅଛି । ଅବଶିଷ୍ଟ ୧୧୬ଟି ବ୍ଲକରେ ଜଳସେଚନର ଆଦୌ ସୁବିଧା ନାହିଁ ବୋଲି କୁହାଯାଉଛି । ଗଭୀର ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ହେଉ ଅଥବା ପ୍ରଶାସନିକ ଅପାରଗତା ହେତୁ ହେଉ, ରାଜ୍ୟରେ ଜଳସେଚନର ସୁଯୋଗ ସଂକୀର୍ଣ୍ଣ ଅବସ୍ଥାକୁ ଆସିଯାଇଛି । ଆମ ରାଜ୍ୟରେ ଉଠାଜଳସେଚନର ବ୍ୟବସ୍ଥା କେବଳ ଦୁର୍ବଳ ନୁହେଁ, ନିମ୍ନମାନର ଏବଂ ଉଠାଜଳସେଚନ ପାଇଁ ଆବଶ୍ୟକ ହେଉଥିବା ବିଦ୍ୟୁତ୍ ଶକ୍ତି ଚାଷୀଙ୍କୁ ଅନାୟାସରେ ମିଳେ ନାହିଁ । ଉଠାଜଳସେଚନ ଏବଂ ବିଦ୍ୟୁତ୍‌ବଣ୍ଟନ (ଶକ୍ତି ବିଭାଗ)ରେ ପ୍ରାୟ ସମନ୍ୱୟ ନଥାଏ । ପାଣି ପଞ୍ଚାୟତ ବୋଲି ସରକାରଙ୍କ ଯେଉଁ ସଂସ୍ଥାଟି କାର୍ଯ୍ୟ କରୁଛି ତା'ର ନିଷ୍ଠା, ଦାୟିତ୍ୱ ଏବଂ ଉତ୍ତରଦାୟିତ୍ୱ ନ କହିଲେ ଭଲ । ଫଳରେ କୃଷି କାର୍ଯ୍ୟରେ ନାନା ବିଭ୍ରାଟ ଘଟି ଚାଷୀକୁଳ ହତାଶ ହୋଇଯାଏ । ହୀରାକୁଦ ବହୁମୁଖୀ ଯୋଜନା, ରେଙ୍ଗାଲି, ଇନ୍ଦ୍ରାବତୀ, ଭୀମକୁଣ୍ଡ, ମାଛକୁଣ୍ଡ ପରି ଅଳ୍ପ କେତେକ ଜଳ ପ୍ରକଳ୍ପକୁ ବାଦ ଦେଲେ, ବିଗତ ତିରିଶ ବର୍ଷ ଭିତରେ ଓଡ଼ିଶାର କୌଣସି ନଦୀରେ ପର୍ଯ୍ୟାପ୍ତ ପରିମାଣ ଜଳସେଚନ ପାଇଁ ଡ୍ୟାମ କରାଯାଇନାହିଁ, ଅଳ୍ପ କେତୋଟି ଆଙ୍ଗୁଠି ଅଗରେ ଗଣାଯାଇ ପାରୁଥିବା ଚେକ୍ ଡ୍ୟାମ୍‌କୁ ଛାଡ଼ିଦେଲେ, ଓଡ଼ିଶାର ନଦୀଗୁଡ଼ିକରେ ଚେକ୍ ଡ୍ୟାମ ନିର୍ମାଣ ପ୍ରାୟ ହେଉନାହିଁ । ରାଜ୍ୟ ସରକାର ଜନସାଧାରଣଙ୍କୁ ଟଙ୍କିକିଆ ଚାଉଳ, ପାଞ୍ଚଟଙ୍କାରେ ଭାତ ଡାଲମା, ମାଗଣା ସାଇକଲ, ମୋବାଇଲ, ଲାପଟପ୍, ଛତା, ଯୋତା, କମ୍ବଳ, ପ୍ରସୂତିମାନଙ୍କ ପାଇଁ ମାଗଣା ଔଷଧ ଓ ଆର୍ଥିକ ସାହାଯ୍ୟ, ଏପରିକି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅର୍ଥଦାନର ବ୍ୟବସ୍ଥା କରି ରାଜ୍ୟ ରାଜକୋଷରୁ ଆନୁମାନିକ ଦଶହଜାର କୋଟିଟଙ୍କା ବାର୍ଷିକ ଖର୍ଚ୍ଚ କରୁଛନ୍ତି । ଏହି ବିପୁଳ ଅର୍ଥ ରାଶିକୁ ସୀମିତ କରି ଏହାରି ସାହାଯ୍ୟରେ ରାଜ୍ୟର ନଦୀଗୁଡ଼ିକରେ ଚେକ୍ ଡ୍ୟାମ କରାଗଲେ, ଏହା ରାଜ୍ୟର କୃଷି ଉତ୍ପାଦନରେ ବଳିଷ୍ଠ ସହାୟକ ହେବ । ଜଳବାୟୁ ପରିବର୍ତ୍ତନ ଅଥବା ସ୍ୱଳ୍ପ ବୃଷ୍ଟି ଯୋଗୁଁ ଗଲା ତିନିବର୍ଷ ଧରି ରାଜ୍ୟର ୨୭ଟି ଜିଲା ମରୁଡ଼ି ପ୍ରପୀଡ଼ିତ । ଏହି ଜିଲାଗୁଡ଼ିକ ଜଳସେଚନ ସୁବିଧାରୁ ପ୍ରାୟତଃ ବଞ୍ଚିତ । ଅବିଭକ୍ତ ସମ୍ବଲପୁର, ବଲାଙ୍ଗୀର ଜିଲା ଏବଂ ଉପକୂଳ ଅଞ୍ଚଳରେ ଥିବା କଟକ ଓ ପୁରୀ ଜିଲାର ଡେଲଟା ଅଞ୍ଚଳରେ କେନାଲ ସୁବିଧା ସତ୍ତ୍ୱେ କୃଷି ଉତ୍ପାଦନ ସନ୍ତୋଷଜନକ ନୁହେଁ । ଏକାନ୍ତ ଦୁଃଖର ସହିତ କହିବାକୁ ପଡୁଛି ଭାରତର ଅନ୍ୟାନ୍ୟ ରାଜ୍ୟରେ କୃଷି କାର୍ଯ୍ୟରେ ପର୍ଯ୍ୟାପ୍ତ ପରିମାଣ ବିଦ୍ୟୁତ ଶକ୍ତି ବ୍ୟବହୃତ ହେଉଥିବାବେଳେ ଓଡ଼ିଶାରେ ବିଦ୍ୟୁତଶକ୍ତି ଉତ୍ପାଦନ ଓ ଚାହିଦାର ମାତ୍ର ଏକଭାଗ ଜଳସେଚନ କାର୍ଯ୍ୟରେ ନିୟୋଜନ ହୁଏ । ରାଜ୍ୟ ଉଠାଜଳସେଚନର ଶୋଚନୀୟ ବିଫଳତାର ଏକ ପ୍ରମୁଖ କାରଣ ହେଲା ବିଦ୍ୟୁତ୍‌ଶକ୍ତିର ଅଭାବ ।

ଏଣୁ ରାଜ୍ୟ ସରକାର ବାସ୍ତବତା ବୁଝି ସେହି ଅନୁସାରେ ପଦକ୍ଷେପ ଗ୍ରହଣ କରିବା ଉଚିତ । କେବଳ ଲୋକଦେଖାଣିଆ ଔପଚାରିକତା ପୂରଣ କଲେ କିଛି ଲାଭ ହେବ ନାହିଁ । କୃଷି ଉପରେ ରାଜ୍ୟର ଦୁଇ-ତୃତୀୟାଂଶ ଲୋକ ନିର୍ଭରଶୀଳ ଓ ସେଥିପାଇଁ କୃଷିବିକାଶ କାର୍ଯ୍ୟକ୍ରମ ଜରୁରୀ । ଜଳସେଚନର ଦ୍ରୁତ ପ୍ରସାର ସେହି କାର୍ଯ୍ୟର ପ୍ରଧାନ ଅଂଗ । ୨୦୧୪-୧୫ ବର୍ଷର ରାଜ୍ୟ ଅର୍ଥନୈତିକ ରିପୋର୍ଟ ଅନୁଯାୟୀ ମାତ୍ର ଶତକଡ଼ା ୨୦ ଭାଗ ଫସଲ ଜଳସେଚିତ ଜମିରୁ ଉତ୍ପାଦିତ ହୋଇଥାଏ । ନିକଟରେ ପ୍ରକାଶିତ ତଥ୍ୟରୁ ଜଣାଯାଏ ଯେ ଅତୀତରେ ଜାତୀୟ ଫସଲ ବୀମା ଯୋଜନାରୁ ଅନ୍ୟ ରାଜ୍ୟଙ୍କ ଭଳି ଏତେଟା ଫାଇଦା ଓଡ଼ିଶା ପାଇପାରିନାହିଁ । ନୂଆ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରୁ ସଂପୂର୍ଣ୍ଣ ଫାଇଦା ନେବାକଥା । ବ୍ୟାଙ୍କ ଓ ସମବାୟ ଋଣ ବ୍ୟବସ୍ଥା ଆହୁରି ପର୍ଯ୍ୟାପ୍ତ ହେବା ଆବଶ୍ୟକ । ଏନ୍‌ଏସ୍‌ଏସ୍ ରିପୋର୍ଟ ଅନୁଯାୟୀ ରାଜ୍ୟର ଶତକଡ଼ା ଅଠଚାଳିଶ ଭାଗ ଚାଷୀ ଋଣଗ୍ରସ୍ତ । ସେଥିରୁ ସତୁରି ଭାଗ ଅତି ଛୋଟଚାଷୀ ଏକ ହେକ୍ଟରରୁ କମ ଜମି ଚାଷ କରିଥାନ୍ତି । ଭାଗଚାଷୀଙ୍କ ସଂଖ୍ୟା ପର୍ଯ୍ୟାପ୍ତ । ଭାଗଚାଷୀ ବ୍ୟାଙ୍କ ଋଣ ଓ ମରୁଡ଼ି ସାହାଯ୍ୟ ପାଇବାପାଇଁ ଭୂସଂସ୍କାର ଆଇନରେ ପରିବର୍ତ୍ତନ ଆଣିବା ମଧ୍ୟ ଜରୁରୀ । ରାଜ୍ୟରେ କୃଷିଭିତ୍ତିକ ଶିଳ୍ପ ନାମକୁ ମାତ୍ର । କେବଳ ଢେଙ୍କାନାଳ ଚିନିକଳ ପୂର୍ଣ୍ଣଭାବରେ ଓ ଆସ୍କା କାରଖାନା ଆଂଶିକଭାବେ ଚାଲିଛି; ବାକିଗୁଡ଼ିକ ପ୍ରାୟ ବନ୍ଦ ହୋଇଗଲାଣି । କୃଷିଭିତ୍ତିକ ଶିଳ୍ପ ଗଢ଼ି ଉଠିବା ଓ ତିଷ୍ଠି ରହିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଆବଶ୍ୟକ । କୃଷି କର୍ମଣ ପୁରସ୍କାରର ଉତ୍ସାହ ସଙ୍ଗେ କୃଷି ବିକାଶର ଗୁରୁଦାୟିତ୍ୱ ଅଗ୍ରାଧିକାର ପାଉ ।

ସରକାର ୨୦୦୦ ମସିହାରୁ ଜଳ ସେଚନକୁ ଗୁରୁତ୍ୱ ଦେବା କଥା କହୁଛନ୍ତି । କିନ୍ତୁ ତାହା କାର୍ଯ୍ୟ କ୍ଷେତ୍ରରେ ଦେଖିବାକୁ ମିଳୁ ନାହିଁ । ବିଭିନ୍ନ ନଦୀ ଅବବାହିକା ଅଞ୍ଚଳରେ ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ସରକାର ଯୋଜନା ପ୍ରସ୍ତୁତ ହେଉଛି । କିନ୍ତୁ କେତେ କାର୍ଯ୍ୟକାରୀ ହେଉଚି ତାହା ସରକାର ନିଜେ ଜାଣିଥିବେ । ୬ଟି ନଦୀ ଅବବାହିକାରେ ଅନ୍ୟୂନ ୨୭,୦୦୦ ହେକ୍ଟର ଜମିକୁ ଜଳସେଚିତ କରାଯିବାକୁ ବାରମ୍ବାର ଅଟକଳ କରାଯାଏ ହେଲେ ଏହା ଫାଇଲ ରେ ହିଁ ରହିଯାଏ । କ୍ଷେତକୁ ପାଣି ଯୋଗାଇ ଦେବା ସରକାର ନିଜର ପ୍ରତିବଦ୍ଧତା ଘୋଷଣା କରନ୍ତି । ରାଜ୍ୟରେ ଜଳସେଚନ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସରକାର ବିଶ୍ୱବ୍ୟାଙ୍କ, ଏସୀୟ ଉନ୍ନୟନ ବ୍ୟାଙ୍କରୁ ଶହ ଶହ କୋଟି ଟଙ୍କା ସହାୟତା ମିଳେ । ଆସିଲେରେଟେଡ୍ ଇରିଗେସନ ବେନିଫିଟ୍ ପ୍ରୋଗ୍ରାମ (ଏଆଇବିପି), ରୁରାଲ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେ଼ଭଲପମେଣ୍ଟ ଫଣ୍ଡ (ଆର୍‌ଆଇଡିଏଫ୍), ବିଜୁ କୃଷକ ବିକାଶ ଯୋଜନା (ବିକେଭିୱାଇ), ଜାପାନ ବ୍ୟାଙ୍କ ଅଫ୍ ଇଣ୍ଟରନେସନାଲ କୋ-ଅପରେସନ (ଜେବିଆଇସି), ଓଡ଼ିଶା କମ୍ୟୁନିଟି ଟ୍ୟାଙ୍କ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ (ଓସିଟିଏମ୍‌ପି), ଓଡ଼ିଶା ୱାଟର ସେକ୍ଟର ଇମ୍‌ପ୍ରୁଭମେଣ୍ଟ ପ୍ରୋଗ୍ରାମ (ଓଡ଼ବ୍ଲ୍ୟୁଏସ୍‌ଆଇପି) ଆଦି ଯୋଜନା ପ୍ରଣୟନ କରାଯାଇଛି; କିନ୍ତୁ ତଳସ୍ତରରେ ଯୋଜନା କାର୍ଯ୍ୟକାରିତା ଦିଗରେ ଆନ୍ତରିକତା ଅଭାବ ଯୋଗୁଁ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ । ତେଣୁ ସରକାର କୃଷିକୁ ଗୁରୁତ୍ୱ ଦେଉଛନ୍ତି ବୋଲି କହିବୁଲିବା ଅପେକ୍ଷା ଏହାକୁ କାର୍ଯ୍ୟକାରୀ କରି ଦେଖାନ୍ତୁ । କୃଷି ଏଭଳି ଏକ କ୍ଷେତ୍ର ଯେଉଁଠାରେ ଯଦି କିଛି ପଦକ୍ଷେପ ନିଆଯିବ ତାହା ବର୍ଷକ ମଧ୍ୟରେ ଆଖିକୁ ଦେଖାଯିବ । ତେଣୁ ସରକାର ଚାଷ ଓ ଚାଷୀ ପାଇଁ କ'ଣ କରିପାରିବେ ତାହା ଆଗାମୀ ବଜେଟରୁ ସଙ୍କେତ ମିଳିବା ଆଶା ।

# ରାମ ନାମର ମଧୁରତା

**ରଘୁନାଥ ମହାପାତ୍ର**

ଆମ ମାତୃଭୂମି ଭାରତ ବର୍ଷ ଅନେକ ମହାତ୍ମାଙ୍କୁ ଜନ୍ମ ଦେଇଛି । ଯେଉଁମାନଙ୍କର ଯଶକୀର୍ତ୍ତି ସମଗ୍ର ବିଶ୍ୱରେ ବିଦିତ ହୋଇଛି । ଅବତାର ପୁରୁଷ ଭାବେ ଆମେ ରାମ ଓ କୃଷ୍ଣଙ୍କୁ ଭାରତୀୟମାନେ ବହୁ ଦିନରୁ ପୂଜା କରି ଆସୁଛୁ । ମନୁଷ୍ୟ ଶରୀରରେ ପ୍ରଥମ ଅବତାର ହେଲେ ରାମ । ତ୍ରେତୟା ଯୁଗରେ ମହାରାଜା ଦଶରଥଙ୍କ ଜ୍ୟେଷ୍ଠପୁତ୍ର ଭାବେ ଚୈତ୍ରମାସ ଶୁକ୍ଳ ନବମୀ ତିଥିରେ ଜନ୍ମ ଗ୍ରହଣ କରିଥିଲେ । ସେହି ତିଥିରେ ରାମନବମୀ ବ୍ରତ ପାଳନ କରାଯାଏ । ରାମଙ୍କୁ ଆମେ କାହିଁକି ପୂଜାକରୁ ଏହି ପ୍ରଶ୍ନର ସରଳ ଉତ୍ତର ହେଲା ସେ ଭଗବାନ, ସେ ସତ୍ୟର ଅନୁସରଣ କରି ସତ୍ୟକୁ ସଂସାରରେ ପ୍ରତିଷ୍ଠା କରିଯାଇଛନ୍ତି । କୌଣସି କ୍ଷେତ୍ରରେ ସେ ସତ୍ୟରୁ ଧର୍ମରୁ ବିଚ୍ୟୁତ ହୋଇନାହାନ୍ତି । ତାଙ୍କର ଆଚରଣ ଦ୍ୱାରା ସେ ଯେଉଁ ଆଦର୍ଶ ପ୍ରତିଷ୍ଠା କରିଛନ୍ତି ତାହାକୁ ଅନୁସରଣ କରିବା ମାନବ ସମାଜର କର୍ତ୍ତବ୍ୟ । ବାଲ୍ମୀକି ସଂସ୍କୃତ ଭାଷାରେ ରାମାୟଣ ଲେଖିଥିଲେ ତାହାକୁ ଅନୁସରଣ କରି ସମସ୍ତ ଭାରତୀୟ ଭାଷାରେ ଏହା ଲେଖାଯାଇଛି ଏବଂ ପାରାୟଣ କରାଯାଉଛି । ଭାରତବର୍ଷ ବ୍ୟତୀତ ଇଣ୍ଡୋନେସିଆ, ଜାଭା, ସୁମାତ୍ରାରେ ମଧ୍ୟ ରାମ-ସୀତାଙ୍କର ପୂଜା ହୁଏ ଏବଂ ଲୋକମାନେ ଆଧ୍ୟାତ୍ମିକ ଉନ୍ନତି ପାଇଁ ରାମ ନାମ ଜପ କରନ୍ତି । ରାମ ନାମଟି ଏତେ ସରଳ ସହଜ ଯେ ସମସ୍ତେ ଏହାକୁ ନିରନ୍ତର ଉଚ୍ଚାରଣ କରିପାରିବେ ।



ହଜାର ହଜାର ବର୍ଷ ଧରି ମୁନିଋଷିମାନେ ଏହି ରାମ ନାମ ଜପ କରି ଈଶ୍ୱରତତ୍ତ୍ୱ ଉପଲବ୍ଧି କରୁଛନ୍ତି । ଈଶ୍ୱରଙ୍କ ସହିତ ମିଳିତ ହେଉଛନ୍ତି । ଆଜିର ସମାଜରେ ଯୁବକବୃଦ୍ଧ ସମସ୍ତେ ଭକ୍ତି ସହକାରେ ରାମ ନାମ ଜପ କରୁଛନ୍ତି । ସେମାନେ ଅନ୍ୟ କୌଣସି ନାମକୁ ଭୁଲିଯାଇ ପାରନ୍ତି କିନ୍ତୁ ରାମ ନାମକୁ ଭୁଲି ପାରିବେ ନାହିଁ । ଜଣେ କୋଟିପତି ହେଉ ବା ଜଣେ କପର୍ଦ୍ଦକ ଶୂନ୍ୟ ଦରିଦ୍ର ହେଉ ସମସ୍ତେ ଅସୁବିଧା ସମୟରେ ଦିବ୍ୟ ରାମ ନାମର ଆଶ୍ରୟ ଲୋଡ଼ନ୍ତି । ଅତୀତରେ ଅନେକ ଋଷି ତପସ୍ୟା କରିଥିଲେ ଏବଂ ପୃଥିବୀରେ ରାମ ନାମର ଗୌରବ ପ୍ରସାରିତ କରିବା ପାଇଁ ଅନେକ ପ୍ରକାର ବ୍ରତ କରିଥିଲେ । ରାମଙ୍କର ପ୍ରଧାନ ଶିକ୍ଷା ହେଲା ପ୍ରତ୍ୟେକ ମଣିଷ ସତ୍ୟର ଅନୁସରଣ କରିବା ଉଚିତ । ନିଜର ବଚନ ଓ କର୍ମରେ ପୂର୍ଣ୍ଣ ସଂହତି ରହିବା ଆବଶ୍ୟକ । ଧର୍ମ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ବା ଦେଶରେ ସୀମିତ ହୋଇ ରହିନାହିଁ । ଏହା ପ୍ରତ୍ୟେକ ମନୁଷ୍ୟ ଶରୀରରେ ବିଦ୍ୟମାନ । ସତ୍ୟକୁ ଆଚରଣ କରିବା ହିଁ ଧର୍ମ । ସତ୍ୟ ଓ ଅସତ୍ୟ, ଧର୍ମ ଓ ଅଧର୍ମ ମଧ୍ୟରେ ସ୍ୱାଭାବିକ ଭାବରେ ବିବାଦ ରହିଆସିଛି । ରାମ ଅଯୋଧ୍ୟା ତ୍ୟାଗ କରିବା ଠାରୁ ରାବଣକୁ ନିଧନ କରି ଅଯୋଧ୍ୟାକୁ ଫେରିବା ଯାଏ ଯେତେ ଯେତେ କର୍ମ କରିଛନ୍ତି ସବୁଠାରେ ସେ ସତ୍ୟର ଅନୁସରଣ କରିଛନ୍ତି । ତାଙ୍କର ଆଚରଣ ହିଁ ସମସ୍ତଙ୍କର ଆଦର୍ଶ ହୋଇଛି ।

ଭଗବାନ ଶ୍ରୀ ସତ୍ୟସାଇ ରାମକଥା ରସ ବାହିନୀରେ ଉଲ୍ଲେଖ କରିଛନ୍ତି ରାମ ହେଉଛି ଏପରି ଏକ ନାମ ଯାହା ପ୍ରକୃତିରେ ଥିବା ସବୁ ମଧୁର ବସ୍ତୁକୁ ଏକାଠି କଲେବି ତାହାଠାରୁ ଅଧିକ ମଧୁର ହେବ । ଏହା କଦାପି ଜିହ୍ୱା ବା ମନ ଉପରୁ ଖସିଯାଏନାହିଁ । ମଣିଷକୁ ଉତ୍‌ଥିତ କରିବାର ବିଶାଳ ରହସ୍ୟାତ୍ମକ ଯୌଗିକ ଶକ୍ତି ଏହାର ଅଛି । ରାମକଥା, ରାମାୟଣ ବେଦ ମାନଙ୍କର ଅନ୍ୟ ଏକ ସଂସ୍କରଣ ଛଡ଼ା ଆଉ କିଛି ନୁହେଁ । କୁହାଯାଇଛି ଯେ ଦୁରିତର ବିନାଶ ଏବଂ ଧାର୍ମିକ ଜୀବନର ପୁନରୁଦ୍ଧାରରେ ସାହାଯ୍ୟ କରିବା ନିମନ୍ତେ ବେଦମାନେ ରାମାୟଣ ରୂପରେ ଅବତରଣ କରିଥିଲେ । ଯେଉଁ କାର୍ଯ୍ୟ ଭଗବାନ ରାମ ରୂପରେ ତାଙ୍କର ମାନବୀୟ କାର୍ଯ୍ୟକାଳ ବେଳେ ନିଜ ଉପରକୁ ନେଇଥିଲେ । ଧର୍ମର ପ୍ରତିଷ୍ଠା ଓ ଆଦର୍ଶ ପ୍ରଦର୍ଶନ ନିମନ୍ତେ ସେ ମନୁଷ୍ୟ ବେଶ ଧାରଣ କରିଥିଲେ । ‘ରାମୋ ବିଗ୍ରହବାନ ଧର୍ମଃ’ ରାମାୟଣ ତାଙ୍କୁ ଏହିପରି ବର୍ଣ୍ଣନା କରିଛି । ରାମକଥା ହେଉଛି ପ୍ରକୃତରେ କ୍ଷୀରସାଗର, ବେଦମାନଙ୍କର ସାରାଂଶ । ବାଲ୍ମୀକି ରାମାୟଣ ମହାକାବ୍ୟର ପ୍ରତ୍ୟେକ ବିଭାଗକୁ କାଣ୍ଡ ନାମ କରଣ କରାଯାଇଛି । ଏହି ନାମ ଆଖୁର ରସକୁ ବୁଝାଇଥାଏ । ଆଖୁ ଯେତେ ବକ୍ର ହେଲେ ମଧ୍ୟ ପ୍ରତ୍ୟେକ ଖଣ୍ଡ ଅନ୍ୟ ଖଣ୍ଡ ପରି ମଧୁର । ସେହିପରି ରାମଙ୍କର ଅଭିଷେକ ହେଉ ବା ବନବାସ, ବିଜୟ ହେଉ ବା ପରାଜୟ ବୀରତ୍ୱ ହେଉ ବା ନିରୁତ୍ସାହ, ପ୍ରେମ ହେଉ ବା ଦ୍ୱେଷ, ଆନନ୍ଦ ହେଉ ବା ବିଷାଦ ଯେଉଁ ପରିସ୍ଥିତିର ବିଚାର କରାଯାଇଥିଲେ ବି ମହାକାବ୍ୟ ସମାନ ଭାବେ ମଧୁର ଓ କମନୀୟ । ରାମ କଥାରେ ଦୁଇଟି ପ୍ରଧାନ ରସ ରହିଛି । ରାମ ଭାବରେ କରୁଣ ରସ ଓ ଲକ୍ଷ୍ମଣ ଭାବରେ ପ୍ରେମ ରସ । ଏହି ଦୁଇଟିର ମିଶ୍ରଣ ହିଁ ଆନନ୍ଦ ସୃଷ୍ଟି କରେ । ଆନନ୍ଦ ରାମଙ୍କ ସ୍ୱଭାବ । ସେ ସ୍ୱୟଂ ଭଗବାନ । ଯଦିଓ ବାଲ୍ମୀକି ଏକଥା କୌଣସିଠାରେ ସ୍ପଷ୍ଟ ଭାବେ ଘୋଷଣା କରିନାହାନ୍ତି । ଯୁଗ ଯୁଗ ଧରି ଭାରତର ନର, ନାରୀ, ମୁନି, ଋଷି, ସାଧକ, ସାଧିକା ସେହି ରାମ ନାମ ସ୍ମରଣ କରି ଅଶେଷ ଆନନ୍ଦ ଲାଭ କରୁଛନ୍ତି । ସେଇ ରାମ ନାମର ମଧୁରତା ସମସ୍ତେ ଗ୍ରହଣ କଲେ ସୁଖୀ ହୋଇପାରିବା ।

*ସତ୍ୟଶ୍ରୀନିବାସ, ତାରାଚାନ୍ଦପାଟଣା, କଟକ-୯, ଦୂରଭାଷ : ୯୨୩୮୬୩୨୭୫୦*

# ଇତିହାସର ଆଇନାରେ ଯାଜପୁର

**ଶୁଭେନ୍ଦୁ କୁମାର ଭୂୟାଁ**

ଇତିହାସ ପ୍ରସିଦ୍ଧ ଯାଜପୁର ଧର୍ମ, ସଂସ୍କୃତି, ପରମ୍ପରା, ଐତିହ୍ୟ ଓ କଳାକୀର୍ତ୍ତିର ଏକ ବିଭବବନ୍ତ ଚିତ୍ରପଟ୍ଟ । ପୁଣ୍ୟତୋୟା ମର୍ତ୍ତ୍ୟ ମନ୍ଦାକିନୀ ପାବନୀ ବୈତରଣୀ ଏହାର ମୁଖସାକ୍ଷୀ । ଏହି ସ୍ରୋତସ୍ୱିନୀର ବାଲିରେଣୁରେ ଅଙ୍କିତ ହୋଇଛି କେତେ କେତେ ସ୍ମରଣୀୟ ସ୍ମୃତିର ଚିତ୍ରିତ କାନ୍‌ଭାସ୍- ଗୁଂଜରିତ ହୋଇଛି ସଂସ୍କୃତି, ସଂହତି ଓ ପ୍ରଗତିର ଯୁଗଳବନ୍ଦୀ । ପ୍ରାଚୀନ ଭାରତୀୟ ପୁରାଣଶାସ୍ତ୍ରରେ ‘ଦ୍ୱିତୀୟ କାଶୀ’ ଭାବରେ ସୁପରିଚିତ ଏହି ପ୍ରାଚୀନ ନଗରୀ ଯଜ୍ଞପୁର, ଯାଜନଗର ବା ଯାଜପୁର ଆଜି ବି ଗୌରବମୟ କୃତି ଓ କୀର୍ତ୍ତିର ମୁଖଶାଳା ପାଲଟିଛି । ଏହି ପବିତ୍ର ମାଟିରେ ସୃଜନର ସ୍ପନ୍ଦନ, କଳାକୀର୍ତ୍ତିର ଗୁଂଜନ, ସମୃଦ୍ଧ ସାଂସ୍କୃତିକ ଜୀବନଚର୍ଯ୍ୟାର ସୁଗନ୍ଧ, କଳା-ସ୍ଥାପତ୍ୟର କାରିଗରୀ ଓ ଐତିହ୍ୟର ବର୍ଣ୍ଣବିଭା ଆଜି ବି ସ୍ମରଣୀୟ ଆମ ସମସ୍ତଙ୍କ ପାଇଁ ଏହି ଆଧୁନିକ ସମୟରେ । ଇତିହାସର ପ୍ରତିଟି ପୃଷ୍ଠାରେ ଗରିମାମୟ ଉପସ୍ଥିତି ପାଇଁ ଗୁଂଜରିତ ଏହି ପ୍ରାଚୀନ ନଗରୀ ଆଜି ପାଳନ କରୁଛି ଯାଜପୁର ପୌର ପରିଷଦର ସ୍ମରଣୀୟ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଏବଂ ୨୫ବର୍ଷ ତଳେ ଗଢ଼ା ହୋଇଥିବା ଆଧୁନିକ ଯାଜପୁର ଜିଲ୍ଲା ପୁର୍ନଗଠନର ରୌପ୍ୟଜୟନ୍ତୀ ମହୋତ୍ସବ । ଏଇ ଅବସରରେ ବୈତରଣୀ ତଟରେ ଥିବା ବାଳାଶ୍ରମ ପଡ଼ିଆଠାରେ ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ପକ୍ଷରୁ ଆୟୋଜିତ ହେଉଛି ନଅଦିନ ବ୍ୟାପୀ ଏକ ମନୋଜ୍ଞ ସମାରୋହ । ଯାଜପୁରର ସଂସ୍କୃତି ଓ ପ୍ରଗତିର ସଫଳତାର ବାର୍ତ୍ତାକୁ ପରିପ୍ରସାର ପାଇଁ ବିଭିନ୍ନ ସଂପାନ, ଆଲୋଚନା ଓ ଉପସ୍ଥାପନା ଜରିଆରେ କାର୍ଯ୍ୟକ୍ରମ ହୋଇଛି ଚୂଡ଼ାନ୍ତ । ୨୪ ମାର୍ଚ୍ଚ ଠାରୁ ଏପ୍ରିଲ ୧ତାରିଖ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଦିବସରେ ବିଶିଷ୍ଟ ଅତିଥିଙ୍କ ସଭାମଣ୍ଡନ ଏହି ସ୍ମରଣୀୟ ମହୋତ୍ସବକୁ କରିବ ଅଧିକ ଗରିମାମୟ । ସାଂସ୍କୃତିକ ମଂଚରେ ପରିବେଷିତ ହେବ ବିଭିନ୍ନ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ମନୋଜ୍ଞ ସାଙ୍ଗୀତିକ କାର୍ଯ୍ୟକ୍ରମ- ଯାହାକି ଜିଲ୍ଲାବାସୀଙ୍କୁ ଦେବ ମନୋରଂଜନର ଭରପୂର ଆନନ୍ଦ ।




ଯାଜପୁର ଇତିହାସରେ ଏପ୍ରିଲ ୧ ତାରିଖ ସତେ ଯେପରି ଚିରସ୍ମରଣୀୟ ଏକ ତିଥିର ବିଥି । ଏମିତିରେ ତ ଏଇ ଦିବସ ପବିତ୍ର ଉତ୍କଳ ଦିବସ ଭାବରେ ଖ୍ୟାତ । କିନ୍ତୁ ଯାଜପୁର ପାଇଁ ଏଇ ଦିବସର ମହତ୍ତ୍ୱ ମଧ୍ୟ ସର୍ବାଧିକ । ୧୮୬୮ ମସିହା ଏପ୍ରିଲ ୧ ତାରିଖ- ଠିକ୍ ୧୫୦ ବର୍ଷ ତଳେ ଯାଜପୁର ସବ୍‌ଡିଭିଜନର ସବ୍‌ଡ଼ିଭିଜିନାଲ ଅଫିସର (ଏସ୍.ଡ଼ି.ଓ.) ଭାବେ ଯୋଗ ଦେଇଥିଲେ ଇତିହାସମନସ୍କ ଗୋରା ପ୍ରଶାସକ ଆର୍ମଷ୍ଟ୍ରଙ୍ଗ୍ । ୧୮୬୯ ମସିହ ଏପ୍ରିଲ ୧ ତାରିଖ- ଏଇ ଶୁଭକ୍ଷଣରେ ଗଠିତ ହୋଇଥିଲା ଯାଜପୁର ପୌର ପରିଷଦ । ଯାଜପୁର ଥିଲା ଓଡ଼ିଶାର ଦ୍ୱିତୀୟ ପୁରାତନ ପୌର ନିଗମ । ପ୍ରଥମଟି ଥିଲା କେନ୍ଦ୍ରାପଡ଼ା, ଯାହାର ପ୍ରତିଷ୍ଠା ଦିବସ ଥିଲା ୧୯୬୯ ମସିହା ମାର୍ଚ୍ଚ ୧୦ ତାରିଖ । ୧୯୯୩ ମସିହା ଏପ୍ରିଲ ୧ ତାରିଖ ଥିଲା ଆଧୁନିକ ଯାଜପୁର ପାଇଁ ଆଉ ଏକ ସ୍ମରଣାତୀତ ସ୍ମୃତି- ଏଇଦିନ ଏକ ନୂଆ ଜିଲ୍ଲାର ମାନ୍ୟତା ପାଇଲା ଯାଜପୁର । ରାଜ୍ୟର ପ୍ରଥମ ପୌର ପରିଷଦ ଗଠନର ଠିକ୍ ୨୧ ଦିନ ପରେ ଗଢ଼ା ହୋଇଥିବା ଯାଜପୁର ପୌର ପରିଷଦ ବଂଗଳା ମୁନିସ୍‌ପାଲ ଆଇନ ୬/୧୮୬୮ ଅନୁଯାୟୀ ଗଠିତ ହୋଇଥିଲା । ଓଡ଼ିଶା ଡିଭିଜନର କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲା ଭିତରେ ଯାଜପୁର ଥିଲା ଦ୍ୱିତୀୟ ପୁରାତନ ପୌର ପରିଷଦ । ୧୫୦ବର୍ଷ ତଳେ ଏହାର ଜନସଂଖ୍ୟା ଥିଲା ମାତ୍ର ୧୧୨୩୩ ଜଣ ।

୧୯୦୩ ମସିହା ମଇ ୩୧ ତାରିଖରେ ଯାଜପୁର ପୌର ପରିଷଦର ଅଧ୍ୟକ୍ଷ ଥିବା ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ତତ୍କାଳୀନ କଟକ ଜିଲ୍ଲାପାଳଙ୍କୁ ଲେଖିଥିବା ପତ୍ରରେ ଦର୍ଶାଇଥିଲେ ଯେ, ଏହି ପରିଷଦର ପରିସୀମା ଥିଲା ୪ ବର୍ଗମାଇଲ । ପୌରାଞ୍ଚଳ ଭିତରେ ଥିଲା ମାତ୍ର ଦୁଇଟି ମେଟାଲ ରୋଡ୍ ଓ ଅନେକ ଗୁଡ଼ିଏ କଚା ରାସ୍ତା ଓ ଲେନ । ଏଇ ଇଲାକାରେ ଥିଲା ଅନେକଗୁଡ଼ିଏ ବାଉଁଶ ବଣ, ଧାନବିଲ ଓ ପାଣି ପଚପଚ ଜଳାଶୟମାନ । ୧୯୨୦ ମସିହା ଜୁନ୍ ୪ ତାରିଖରେ କଟକ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ବାର୍ଷିକ ରିପୋର୍ଟରେ ଯାଜପୁରର ତତ୍‌କାଳୀନ ପୌରାଧ୍ୟକ୍ଷ ରାୟ ବାହାଦୂର ଦୟାନିଧି ଦାସ ଲେଖିଥିଲେ ଯେ, ଏଇ ସହର ଥିଲା ହିନ୍ଦୁ ତୀର୍ଥଯାତ୍ରୀମାନଙ୍କ ପାଇଁ ଏକ ପ୍ରମୁଖ ପୀଠ । ବିଶେଷକରି ରଥଯାତ୍ରା ସମୟରେ ବଂଗଳା ଓ ପୂର୍ବଭାରତରୁ ଆସୁଥିବା ବହୁସଂଖ୍ୟକ ତୀର୍ଥଯାତ୍ରୀମାନେ ଏଇ ପୁରାତନ ସହରରେ ମୁଣ୍ଡ ଗୁଂଜୁଥିଲେ ।

ସମୟ ସୁଅରେ ଇତିମଧ୍ୟରେ ବିତିଯାଇଛି ସୁଦୀର୍ଘ ୧୫୦ବର୍ଷ । ରାଜ୍ୟର ଏହି ପୁରାତନୀ ନଗରୀ- ଯେଉଁଠି ଦିନେ ଥିଲା ପ୍ରାଚୀନ ଉତ୍କଳଭୂଖଣ୍ଡର ରାଜଧାନୀ, ସେଇ ଯାଜପୁର ପୌର ପରିଷଦ ଇତିମଧ୍ୟରେ ପାଳନ କରୁଛି ତା'ର ୧୫୦ବର୍ଷର ସ୍ମରଣୀୟ ଯାତ୍ରାର ମହାର୍ଘ ସ୍ମାରକୀ । ଯାଜପୁର ପୌରପରିଷଦ ଅତିକ୍ରମ କରିଛି ତାର ୧୫୦ବର୍ଷର କୀର୍ତ୍ତକୁ । ନୂଆ ସଂଭାବନା ଓ ନୂତନ ପ୍ରଗତି ସହିତ ଏଇ ନଗରୀ ସଭ୍ୟତାର ପୁର୍ନଲିଖନ ଆରମ୍ଭ ହୋଇଛି ପୁଣି ଥରେ । ଯାଜପୁର ସହରୀ ଢାଂଚାରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ, ସୁସ୍ଥ-ସୁନ୍ଦର-ସତେଜ ପରିବେଶ ସହିତ ପ୍ରଗତି ଓ ସଂସ୍କୃତିର ଏତେ ନୂଆ ଅଧ୍ୟାୟ ଯୋଡ଼ି ହେଉଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାଜପୁର ପୌର ପରିଷଦର ୧୫୦ବର୍ଷ ସ୍ମାରକୀ ସମ୍ବଳିତ ତଥାଗତ ପଦ୍ମପାଣି ଧ୍ୟାନୀବୁଦ୍ଧଙ୍କ ମୂର୍ତ୍ତି ଅନାବରଣ ସହିତ ୨୫ କୋଟି ଟଙ୍କା ବ୍ୟୟରେ ୩୨ ଏକର ବିଶିଷ୍ଟ ବହୁପୁରାତନ ‘କୁସୁମା’ ପୁଷ୍କରିଣୀ ପ୍ରକଳ୍ପର ଲୋକାର୍ପଣ କରୁଛନ୍ତି ।

ସଦସ୍ୟ, ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦ, ଦୂରଭାଷ : ୯୪୩୭୨୨୬୭୯୭

# ପିଲାଙ୍କର କିଡ଼୍‌ନୀ ସମସ୍ୟା

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ଆପଣଙ୍କ ପିଲାଟିର ପରିସ୍ରା କଲାବେଳେ ସେ ଅସ୍ୱାଭାବିକ କଷ୍ଟ ପାଇ ଜଳାପୋଡ଼ା ଯନ୍ତ୍ରଣା ହେଉଛି କି ? ସେ ଯଥେଷ୍ଟ ପାଣି ପିଉଥିଲେ ମଧ୍ୟ କମ୍ ପରିସ୍ରା କରୁଛି କି ? ତାହା ପରିସ୍ରାରେ ବେଳେ ବେଳେ ରକ୍ତ ପଡୁନାହିଁ ତ ? ଲଗାତର ଭାବେ ଜ୍ୱର ରହିବା ସହ ସେ ବାନ୍ତି କରୁଛି କି ? ଏବଂ ପିଲାଟି ତାର ବୟସ ଓ ଖାଉଥିବା ଖାଦ୍ୟକୁ ଦୃଷ୍ଟି ଦେଲେ ତା ସତ୍ତ୍ୱେ ତାର ଓଜନ ବୃଦ୍ଧି ପାଉନିକି ? ତାହାହେଲେ ଆପଣ ପିଲାମାନଙ୍କର ଏ ସମସ୍ୟାକୁ ସାମାନ୍ୟ ଆଦୌ ଭାବନ୍ତୁ ନାହିଁ । ତୁରନ୍ତ ଶିଶୁବିଶେଷଜ୍ଞଙ୍କ ଏ କ୍ଷେତ୍ରରେ ଜରୁରୀ ପରାମର୍ଶ ନିଅନ୍ତୁ । କାରଣ ଆପଣଙ୍କ ପିଲାଟିର କିଛି କିଡ଼ନୀଜନିତ ସମସ୍ୟା ନାହିଁ ତ !

ଅନେକଙ୍କ ଧାରଣା ଯେ କିଡ଼ନୀ ହେଉଛି ବୟସ୍କ ମାନଙ୍କର ଏକ ପ୍ରକାର ଜଟିଳ ରୋଗ । କିଡ଼୍‌ନୀ ଫେଲ୍ୟୁର, କିଡ଼୍‌ନୀ ଇନ୍‌ଫେକ୍ସନ ଓ କିଡ଼୍‌ନୀ ଡାଏଲିସିସ୍ । ଏ ସବୁ ଭିତରେ ଆପଣମାନେ ହୁଏତ ଜାଣିନଥିବେ କିଡ଼ନୀର ଭୟଙ୍କର ପ୍ରଭାବରୁ ପିଲାମାନେ ବି ମୁକ୍ତ ନୁହଁନ୍ତି । ଯଦିଓ ବଡ଼ମାନଙ୍କ ଠାରୁ ପିଲାମାନଙ୍କର କିଡ଼ନୀ ସମସ୍ୟା ଭିନ୍ନ ତେବେ ଆସନ୍ତୁ ପିଲାମାନଙ୍କ କିଡ଼ନୀ ସମସ୍ୟା ଉପରେ ଆଲୋକପାତ କରିବା । ପିଲାଟି ମାଆ ଗର୍ଭରେ ଥିଲାବେଳେ କେତେକ କ୍ଷେତ୍ରରେ କିଡ଼ନୀଜନିତ ସମସ୍ୟାକୁ ସମ୍ମୁଖୀନ ହୋଇଥାଏ । ଗର୍ଭବତୀ ଥିବାବେଳେ ମାଆ ମାନଙ୍କର ସୋନୋଗ୍ରାଫି ପରୀକ୍ଷା ବେଳେ ଏହା ଜଣାପଡ଼େ ଯେଉଁଥିରୁ ପିଲାଟିର କିଡ଼ନୀର ଆକାର ସ୍ପଷ୍ଟ ହୋଇଯାଏ । କେବଳ ସେତିକିନୁହେଁ ପିଲାଟିର ପରିସ୍ରା ନଳୀରେ କିଛି ଅବରୋଧ ବା ପ୍ରତିବନ୍ଧକ ଥିଲେ ତାହା ମଧ୍ୟ ଜଣାପଡ଼ିଯାଏ । ଗର୍ଭଧାରଣ ସମୟରେ ମାଆଟିର ପେଟରେ ଜଳର ଅଂଶ କମ୍ କାରଣରୁ ପିଲାଟି ଠାରେ ଏହି ସମସ୍ୟା ପରବର୍ତ୍ତୀ ସମୟରେ ଦେଖାଦିଏ । ପିତାମାତାଙ୍କର କିଡ଼ନୀ ସମସ୍ୟାରୁ ପିଲାମାନଙ୍କ ଠାରେ ଏହା ଦେଖାଦିଏ । ଆଉଗୋଟିଏ ବଡ଼ କଥା ହେଉଛି ବଡ଼ଲୋକମାନଙ୍କ ପରି କିଡ଼ନୀ ଷ୍ଟୋନ ସମସ୍ୟା ପିଲାମାନଙ୍କ ଠାରେ ମଧ୍ୟ ଦେଖାଦିଏ । ପିଲାଟିର କିଡ଼ନୀ ଅଭିବୃଦ୍ଧି ସମୟରେ କୌଣସି ସାମାନ୍ୟତମ ତ୍ରୁଟି ରହିଗଲେ ମଧ୍ୟ ଏହି ସମସ୍ୟା ଦେଖାଦିଏ । ତାହା ସହିତ ପରିସ୍ରାରେ ଅଧିକ ପରିମାଣର କ୍ୟାଲସିୟମ ନିର୍ଗତ ହେଲେ କିମ୍ବା କେତେକ କ୍ଷେତ୍ରରେ ପିଲାଟି ତାକୁ ପରିସ୍ରା ଲାଗୁଥିବା ସମୟରେ ସେ ପରିସ୍ରା ନକରି ତାକୁ ଜାକି ଧରିଲେ ପରବର୍ତ୍ତୀ ସମୟରେ ଏହା ସେମାନଙ୍କ ପାଇଁ ଘାତକ ପରିଲକ୍ଷିତ ହୋଇଥାଏ । ତେଣୁ ପିଲାମାନଙ୍କୁ ଛୋଟ ବେଳକୁ ଯଥେଷ୍ଟ ପରିମାଣର ପାଣି ପିଇବାକୁ ଦିଅନ୍ତୁ ଏବଂ ସେ ଯେପରି ପରିସ୍ରାକୁ ନ ଅଟକାଏ ସେ ଦିଗକୁ ଲକ୍ଷ୍ୟ ରଖନ୍ତୁ ।

ପିଲାମାନଙ୍କର କିଡ଼ନୀର ଆଉ ଗୋଟିଏ ସମସ୍ୟା ହେଉଛି ସେମାନଙ୍କ ମୂତ୍ରନଳୀ ସଂକ୍ରମଣ । ପିଲାମାନଙ୍କର ପରିସ୍ରା ନଳୀ ସଂକ୍ରମଣଜନିତ କାରଣରୁ ତାର କିଡ଼ନୀ ସମସ୍ୟା ଜଣାପଡ଼ିଯାଏ । ଏ କ୍ଷେତ୍ରରେ ପିଲାଟି ବାରମ୍ବାର ପରିସ୍ରା କରିଥାଏ । ତେବେ ଉଭୟ ପୁଅ ଓ ଝିଅଙ୍କ କ୍ଷେତ୍ରରେ ଅଲଗା ଅଲଗା ବୟସରେ ଏହା ପରିଲକ୍ଷିତ ହୁଏ । ପୁଅ ମାନଙ୍କ ଠାରେ ଏହି ସମସ୍ୟା ଜନ୍ମର ପ୍ରଥମ ବର୍ଷରେ ଅଧିକ ଦେଖାଯିବା ସହ ଝିଅଙ୍କ କ୍ଷେତ୍ରରେ ଜନ୍ମର ବର୍ଷକ ପରେ ଏହା ପରିଲକ୍ଷିତ ହୋଇଥାଏ । ଏ କ୍ଷେତ୍ରରେ ଲକ୍ଷଣ ଗୁଡ଼ିକ ହେଉଛି ପିଲାଟି ପରିସ୍ରା କଲାବେଳେ ଅସ୍ୱାଭାବିକ ଯନ୍ତ୍ରଣା ପାଇବା ବା କାନ୍ଦିବା ଏବଂ କେତେକ କ୍ଷେତ୍ରରେ ଜ୍ୱର ମଧ୍ୟ ଅନୁଭୂତ ହେବା । କିନ୍ତୁ ଏ କ୍ଷେତ୍ରରେ ପିଲାଟିର ଥଣ୍ଡାଜନିତ ସମସ୍ୟା ଭାବି ଏହାକୁ ହାଲ୍‌କା ଭାବେ ଅଭିଭାବକମାନେ ଭାବିବା ଅନୁଚିତ । ଆଉ ଗୋଟିଏ ବଡ଼ ସମସ୍ୟା ହେଉଛି ପିଲାମାନଙ୍କର ନେଫ୍ରାଇଟିସ୍ । ଦଶ ବର୍ଷ ପର୍ଯ୍ୟନ୍ତ ପିଲାମାନେ ଏହି ସମସ୍ୟାକୁ ସମ୍ମୁଖୀନ ହୋଇ ଅନେକ ଅସ୍ୱାଭାବିକ ପରିସ୍ଥିତିକୁ ସାମ୍ନା କରିବା ସହ ଯନ୍ତ୍ରଣା ମଧ୍ୟ ପାଇଥାନ୍ତି । ଏ କ୍ଷେତ୍ରରେ ପରିସ୍ରାର ପରିମାଣ କମ୍ ହେବା ଓ ଦେହରେ ଲଗାତାର ଜ୍ୱର ରହିବା ହେଉଛି ମୁଖ୍ୟ ଲକ୍ଷଣ । ପରିସ୍ରାରେ ପ୍ରୋଟିନ ପରିମାଣ ଅଧିକ ରହିବା କାରଣରୁ ଏହି ସମସ୍ୟା ପରିଲକ୍ଷିତ ହୋଇଥାଏ । ଏହାକୁ ପ୍ରାଥମିକ ସ୍ତରରେ ଗୁରୁତ୍ୱ ପ୍ରଦାନ କରି ଡାକ୍ତରୀ ପରାମର୍ଶ ନ ନେଲେ ଅନେକ କ୍ଷେତ୍ରରେ ଏହି ସମସ୍ୟା ଯୋଗୁଁ ପିଲାଟିର ଶରୀରରେ ଥିବା ସଂକ୍ରମଣ ସାଂଘାତିକ ପରିସ୍ଥିତିକୁ ଧାରଣ କରିଥାଏ ।

ପିଲାମାନଙ୍କର କିଡ଼ନୀ ସମସ୍ୟାକୁ ଅଧିକାଂଶ କ୍ଷେତ୍ରରେ ବାପାମାଆ ମାନେ ପ୍ରାଥମିକ ସ୍ତରରେ ଜାଣିପାରିନଥାନ୍ତି ବା ଏହାକୁ ସେମାନଙ୍କର କିଡ଼ନୀ ସମସ୍ୟା ବୋଲି ଚିନ୍ତା ମଧ୍ୟ କରିନଥାନ୍ତି । ଯାହାକି ପରବର୍ତ୍ତୀ ସମୟରେ ପିଲାଟି ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ । ପିଲାମାନଙ୍କର ଏହି କିଡ଼ନୀ ସମସ୍ୟା ପାଇଁ ତାର ପରିସ୍ରା ପରୀକ୍ଷା ସହ ସୋନୋଗ୍ରାଫି ପରୀକ୍ଷା, ରକ୍ତରେ କ୍ରିଏଟିନିନ୍‌ର ମାତ୍ରାକୁ ଯାଞ୍ଚ କରାଯାଏ । କେତେକ କ୍ଷେତ୍ରରେ କିଡ଼ନୀ ବାୟୋପ୍ସିର ଆବଶ୍ୟକତା ପଡ଼ିଥାଏ । ପିଲାମାନଙ୍କର କିଡ଼ନୀ ସମସ୍ୟାକୁ ନେଇ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ । ସରକାରୀ ବ୍ୟବସ୍ଥିତ ଡାକ୍ତରଖାନାର ସୁଯୋଗ ନିଅନ୍ତୁ । ସରକାର ଏ କ୍ଷେତ୍ରରେ ପିଲାମାନଙ୍କର ସମସ୍ତ ପରୀକ୍ଷା ନିରୀକ୍ଷା ମାଗଣାରେ ଉପଲବ୍ଧ କରାଉଛନ୍ତି ।

*ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ,*
*ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪*